## ସଂକ୍ଷେପରେ

### ଲଘୁଚାପ ବର୍ଷା ନେଇ ପ୍ରଶାସନର ପ୍ରସ୍ତୁତି

**ରାୟଗଡା ଅଫିସ, ୨୨।୧୦:** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପଜନିତ ବର୍ଷାକୁ ଦୃଷ୍ଟିରେ ରଖି ରାୟଗଡା ଜିଲା ପ୍ରଶାସନ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଇଛି । ବୁଧବାରଠାରୁ ରାୟଗଡା, ଗଞ୍ଜାମ, କନ୍ଧମାଳ ପ୍ରଭୃତି ଜିଲାଗୁଡିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପକ୍ଷରୁ ଜଣାଯାଇଛି। ରାୟଗଡା ପ୍ରଶାସନ ପକ୍ଷରୁ ବିଡ଼ିଓ ଏବଂ ତହସିଲଦାରମାନଙ୍କର ବୈଠକ ଡକାଯାଇଛି । ଜିଲାରେ ମୁଖ୍ୟତ ସେଶଖାଲ, ଗୁଣପୁର, ଓ କୁଟ୍ରାଗୋଡ, କଲ୍ୟାଣସିଂହପୁର ଆଦି ଅଞ୍ଚଳରେ ସରକାରୀ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ଆବଶ୍ୟକତା ସ୍ଥଳେ ଲୋକଙ୍କୁ ସେଠାରୁ ସ୍ଥାନାନ୍ତର କରାଯିବ ବୋଲି ଜିଲାପାଳ ପ୍ରମୋଦ କୁମାର ବେହେରା ସୂଚନା ଦେଇଛନ୍ତି ।

### ଉଦ୍‌ଘୋଷିକା ସମ୍ମାନିତ



**ପଦ୍ମପୁର,୨୨।୧୦(ଡି.ଏନ୍.ଏ.):** ରାୟଗଡା ଜିଲା ପଦ୍ମପୁରର ସାହିତ୍ୟିକା ତଥା ଉଦ୍‌ଘୋଷିକା ସୁନୀତା ପଣ୍ଡାଙ୍କୁ ଭୁବନେଶ୍ୱରସ୍ଥିତ ଭଞ୍ଜକଳାମଣ୍ଡପରେ ମନମାନୀ ଆର୍ଟ ଆଣ୍ଡ କଲଚର ତରଫରୁ ସମ୍ମାନିତ କରାଯାଇଛି । ଓଡ଼ିଶାର ପ୍ରଥମ ମହିଳା ଭାସ୍କର୍ଯ୍ୟ ଶିଳ୍ପୀ କବିତା ମହାନ୍ତି ତାଙ୍କୁ ସମ୍ମାନିତ କରିଥିଲେ । ଏହି ଉତ୍ସବରେ ବରିଷ୍ଠ କଣ୍ଠଶିଳ୍ପୀ ଶ୍ରୀକର ପାଢ଼ୀ ଓ କଲମକ୍ରାନ୍ତିର ସାହିତ୍ୟ ସମ୍ପାଦକ ଭଗବାନ ଦାଶଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଶିକ୍ଷୟିତ୍ରୀ ସୁନିତା ଓଡ଼ିଶା ସାହିତ୍ୟ ସମ୍ମିଳନୀ ସଭ୍ୟ, ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଗଠନର ପ୍ରାକ୍ତନ ସଭାନେତ୍ରୀ, ଶିକ୍ଷକ ନେତ୍ରୀ, ପଦ୍ମପୁର ନାରୀ ସମାଜର ଆବାହିକା, ରାଜ୍ୟସ୍ତରୀୟ ଉଦ୍‌ଘୋଷିକା ଭାବେ ପରିଚିତା । ସେ ପୂର୍ବରୁ ଗୁଣପୁର ସେବା ସମାଜ ତରଫରୁ ସାମାଜିକ କର୍ମୀ, ବ୍ରହ୍ମପୁର ମହାନଗର ନିଗମ ତରଫରୁ ଉଦ୍‌ଘୋଷିକା , କୋରାପୁଟରେ ସାହିତ୍ୟିକ ରୂପେ କନ୍ୟା ଅମୂଲ୍ୟ ରତ୍ନ, ସମାଜ ସେବା ସଂଗଠନ ତରଫରୁ ସମାଜ ସେବା , ପଦ୍ମପୁର ଜନଜାତି ସାଂସ୍କୃତିକ କାର୍ଯ୍ୟକ୍ରମ ତରଫରୁ ସମ୍ମାନିତ ହୋଇଛନ୍ତି ।

### ନୂତନ ବିଡିଓଙ୍କ କାର୍ଯ୍ୟରେ ଯୋଗଦାନ

**ଗୁଣପୁର,୨୨।୧୦(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ବିଡିଓ ଭାବେ ଶାନ୍ତିପ୍ରଭା ପ୍ରଧାନ ମଙ୍ଗଳବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି । ଗାୟତ୍ରୀ ଦେବୀ ମାଲକାନଗିରି ଜିଲାକୁ ଏପିଡି ଭାବେ ବଦଳି ହେବା ପରେ ୪ ମାସ ୯ ଦିନ ଧରି ଏହି ପଦବୀ ଖାଲି ପଡ଼ିଥିଲା । ପଦ୍ମପୁର ବିଡିଓ ଅଗସ୍ତି ପ୍ରଧାନ ଗୁଣପୁର ବିଡିଓ ଭାବେ ଅତିରିକ୍ତ ଦାୟିତ୍ୱରେ ଥିଲେ । ଶାନ୍ତିପ୍ରଭା ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକରୁ ଏଠାକୁ ବଦଳିହୋଇ ଆସିଛନ୍ତି । ସେ କାର୍ଯ୍ୟରେ ଯୋଗଦେବା ପରେ ବ୍ଲକ ଉପାଧ୍ୟକ୍ଷ ଏସୋ ଶବର, ସହକାରୀଯନ୍ତ୍ରୀ ଦୁର୍ଯ୍ୟୋଧନ ଯାନୀ, ଜିପିଇଓ ପତିତପାବନ ଚୌଧୁରୀ,ବରିଷ୍ଠ କିରାଣୀ ପ୍ରାଣକୃଷ୍ଣ ପାଣିଗ୍ରାହୀଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସ୍ୱାଗତ କରିଥିଲେ । ସୂଚନାଯୋଗ୍ୟ, ଏହି ବ୍ଲକରେ ବିଡିଓ ଏବଂ ଲୋକ ପ୍ରତିନିଧିଙ୍କ ମଧ୍ୟରେ ବିବାଦ ଯୋଗୁ ୧୩ ବର୍ଷରେ ୧୫ ଜଣ ବିଡିଓଙ୍କୁ ବଦଳି ହେବାକୁ ପଡିଛି ।

### ଡେପୁଟେଶନରେ ଆସିଲେ ସ୍ତ୍ରୀ,ପ୍ରସୂତି ବିଶେଷଜ୍ଞ ଡାକ୍ତର

**ଗୁଣପୁର,୨୨।୧୦(ଡି.ଏନ.ଏ):** ଗୁଣପୁରକୁ ଅସ୍ଥାୟୀ ଭାବେ ସ୍ତ୍ରୀ ଓ ପ୍ରସୁତି ବିଶେଷଜ୍ଞ ଡ.ସନ୍ଦିପ କୁମାର ସ୍ୱାଇଁଙ୍କୁ ନିଯୁକ୍ତି ଦିଆଯାଇଛି । ସେ ପିଜି ସାରିବା ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ତାଙ୍କୁ ପଦ୍ମପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଯୁକ୍ତି ଦେଇଥିଲେ । ହେଲେ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ରହିଥିବାରୁ ମଙ୍ଗଳବାର ଜିଲା ସ୍ୱାସ୍ଥ୍ୟ ବିଭାଗ ଡ.ସ୍ୱାଇଁଙ୍କୁ ଅସ୍ଥାୟୀ ଭାବେ ପଦ୍ମପୁରରୁ ଗୁଣପୁରକୁ ଡେପୁଟେଶନ କରିଛନ୍ତି । ସୂଚନାଯୋଗ୍ୟ ଯେ, ସ୍ତ୍ରୀ ପ୍ରସୁତି ବିଶେଷଜ୍ଞ ଡାକ୍ତର ପ୍ରଦୀପ ପଣ୍ଡା ଜୈନିକ ପ୍ରସୁତିଙ୍କୁ ଲାଞ୍ଚ ମାଗିବା ଘଟଣା ଅଭିଯୋଗ ହେବା ପରେ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇଥିଲା । ଡ.ପଣ୍ଡାଙ୍କୁ ମୁନିଗୁଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି କରାଯାଇଥିଲା ।

■ ମୋ ସ୍କୁଲ ଅଭିଯାନ ଅଧ୍ୟକ୍ଷାଙ୍କ ରାୟଗଡ଼ା ଗସ୍ତ

# ବିଦ୍ୟାଳୟ ଭିତ୍ତିଭୂମି ନେଇ ଆଲୋଚନା

**ରାୟଗଡା ଅଫିସ, ୨୨।୧୦**

ମୋ ସ୍କୁଲ ଅଭିଯାନ ଅଧ୍ୟକ୍ଷା ସୁସ୍ମିତା କଟି ମଙ୍ଗଳବାର ରାୟଗଡା ଗସ୍ତ କରିଛନ୍ତି । ସ୍ଥାନୀୟ ଗୋବିନ୍ଦଚନ୍ଦ୍ର ଦେବ ହାଇସ୍କୁଲରେ ରାୟଗଡା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ବୈଠକ ଆୟୋଜନ କରାଯାଇଥିଲା । ଏଥିରେ କୋରାପୁଟ, ମାଲକାନଗିରି, ରାୟଗଡା, ନବରଙ୍ଗପୁର, ନୂଆପଡା, କଳାହାଣ୍ଡି ୬ଟି ଜିଲାର ଶିକ୍ଷାଧିକାରୀ ଏବଂ ୨୨ ବ୍ଲକ ଶିକ୍ଷାଧିକାରୀ ଉପସ୍ଥିତ ଥିଲେ।



ବୈଠକରେ ମୋ ସ୍କୁଲ ଅଭିଯାନ ଅଧ୍ୟକ୍ଷାଙ୍କ ସହ ଅନ୍ୟ ଅଧିକାରୀମାନେ ।

ଏଥିରେ ମୋ ସ୍କୁଲ କାର୍ଯ୍ୟକ୍ରମରେ ବିଦ୍ୟାଳୟଗୁଡିକର ଭିତ୍ତିଭୂମି, ସ୍ଥିତି, ଛାତ୍ର ଉପସ୍ଥାନ, ଶିକ୍ଷକଙ୍କ ସ୍ଥିତି, ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ନେଇ ଆଲୋଚନା ହୋଇଥିଲା । ଏଠାରେ ପୁରାତନ ଛାତ୍ରମାନଙ୍କ ଦ୍ୱାରା କରାଯାଇଥିବା ଫଣ୍ଡ ଟଙ୍କାରେ ବିଦ୍ୟାଳୟର ଉନ୍ନତିମୂଳକ କାର୍ଯ୍ୟ କରାଯିବ ବୋଲି ଆଲୋଚନା ହୋଇଥିଲା । ବିଦ୍ୟାଳୟର ଫାଟକ, ଶୌଚାଳୟ, ଚୌକି ଟେବୁଲ ମରାମତି ସହ ସ୍କୁଲର ଉନ୍ନତିମୂଳକ କାର୍ଯ୍ୟକ୍ରମ କରିବାର ଆଲୋଚନା ହୋଇଥିଲା। ଏଥିରେ ପିଡ଼ି ଅମ୍ରିତ ରତୁରାଜ, ଜିଲା ପ୍ରକଳ୍ପ ନିର୍ଦ୍ଦେଶିକା ଆନାସ୍ଥେସିଆ କେର୍କେଟା, ଜିସିଡ଼ି ସ୍କୁଲ ପ୍ରଧାନ ଶିକ୍ଷକ ଶଶିଭୂଷଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## କୋରାପୁଟ-ବିଶାଖାପାଟଣା ଇଣ୍ଟରସିଟିର ଇଞ୍ଜିନ ଫେଲ୍, ଯାତ୍ରୀ ହନ୍ତସନ୍ତ

**ରାୟଗଡା ଅଫିସ, ୨୨।୧୦**

କାଶୀପୁର ବ୍ଲକ ଟିକିରି ଷ୍ଟେଶନ ପରେ କୋରାପୁଟ-ବିଶାଖାପାଟଣା ଇଣ୍ଟରସିଟିର ଇଞ୍ଜିନ ମଙ୍ଗଳବାର ଫେଲ୍ ହୋଇଛି । ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏହାଦ୍ୱାରା କୋରାପୁଟ ଡିଏମୟୁ ଏବଂ ସମଲେଶ୍ୱରୀ ଏକ୍ସପ୍ରେସ ଅଟକି ରହିଥିଲା । ଟିକିରି ଷ୍ଟେଶନ ଅତିକ୍ରମ କରିବା ପରେ ଇଣ୍ଟରସିଟିର ଇଞ୍ଜିନ କାମ କରି ନ ଥିଲା । ଗାଡି ପ୍ରାୟ ୧ ଘଣ୍ଟା ଅଟକି ରହିଥିଲା । କୌଣସିମତେ ଚେଷ୍ଟା କରି ଡ୍ରାଇଭର ରାଉଲି ଷ୍ଟେଶନକୁ ଫେରି ଆସିଥିଲେ । ଖବରପାଇ ଦାମନଯୋଡିରୁ ଏକ ଡିଜେଲ ଇଞ୍ଜିନ ଆସି ଇଣ୍ଟରସିଟି ଏକ୍ସପ୍ରେସ ସହ ଯୋଡି ହୋଇଥିଲା । ୪ ଘଣ୍ଟା ବିଳମ୍ବରେ ଉକ୍ତ ଟ୍ରେନ ବିଶାଖାପାଟଣା ଅଭିମୁଖେ ଯାଇଥିଲା । ବାରମ୍ବାର ଇଞ୍ଜିନରେ ତ୍ରୁଟି ଯୋଗୁ ସର୍ବ ସାଧାରଣରେ ଅସନ୍ତୋଷ ଦେଖିବାକୁ ମିଳିଛି ।

## ଗଣତାନ୍ତ୍ରିକ ଯୁବ ଫେଡେରେଶନର ପଦଯାତ୍ରା

**ପାରଳାଖେମୁଣ୍ଡି,୨୨।୧୦ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନ (ଡିୱାଇଏଫ୍‌ଆଇ) ଗଜପତି ଶାଖା ପକ୍ଷରୁ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି ପଦଯାତ୍ରା ସୋମବାର କାଶୀନଗରସ୍ଥିତ ଅଲଡାଠାରୁ ବାହାରି ମଙ୍ଗଳବାର ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା । ଶତାଧିକ ମହିଳା ପୁରୁଷ ବିଭିନ୍ନ ଦାବି ନେଇ ସ୍ଲୋଗାନମାନ ଦେଇଥିଲେ । ଶେଷରେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ସ୍ୱାଧୀଦେବ ସିଂଙ୍କୁ ଏକ ଦାବିପତ୍ର ପତ୍ର ପ୍ରଦାନ କରାଯାଇଥିଲା । ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲାରେ ଖାଲିଥିବା ସମସ୍ତ ସରକାରୀ ପଦବୀ ପୂରଣ କରିବା, ବେକାର ଯୁବତୀଯୁବକଙ୍କୁ ଆତ୍ମନିଯୁକ୍ତି ଋଣ ପ୍ରଦାନ, ଏମଏନଆରଇଜିଏସରେ



ଯୁବ ଫେଡେରେଶନ୍ ପକ୍ଷରୁ ବାହାରିଥିବା ପଦଯାତ୍ରା ।

ଶ୍ରମିକଙ୍କୁ ବର୍ଷକୁ ୨୦୦ ଦିନର କାମ ଯୋଗାଇ ଦେବା ଏବଂ ଦୈନିକ ମଜୁରି ୬୦୦ ଟଙ୍କା କରିବା ପାଇଁ ଦାବି କରାଯାଇଥିଲା । ସେହିପରି କାଶୀନଗର ବ୍ଲକର ସିଆଳିଠାରୁ ରେଳିଗୁଡା ଦେଇ ସର୍ପତିଗୁଡା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ରାସ୍ତା ନିର୍ମାଣ, ହରିପୁର ଛକଠାରୁ ପେଦାମାଡି ପର୍ଯ୍ୟନ୍ତ ରାସ୍ତାର ପୁନଃନିର୍ମାଣ, ଝଙ୍କାରଗଡାରେ ପାନୀୟ ଜଳ ବ୍ୟବସ୍ଥା, ତିତ୍‌ଲି କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ, ଜିଲାରେ ଉଦ୍ଧାର ହେଉଥିବା ଶିଶୁ ମାନଙ୍କର ଶିକ୍ଷା ବ୍ୟବସ୍ଥା ନେଇ ଦାବିପତ୍ରରେ ଉଲ୍ଲେଖ ରହିଛି । ଏହି ସବୁ ଦାବି ପୂରଣ ନହେଲେ ଆଗାମୀ ଦିନରେ ମଞ୍ଚ ପକ୍ଷରୁ ଅନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି । । କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ସରୋଜ କୁମାର ନାୟକ, ସମ୍ପାଦକ ଯତୀନ ମହାନ୍ତି, ଶୁକୁ ଶବର, ଓଡିଶା ଆଦିବାସୀ ଅଧିକାର ମଞ୍ଚ ରାଜ୍ୟ ସଭାପତି ଦଣ୍ଡପାଣି ରଇତ, ମାନସ ଜେନା, ନାଗେଶ ଶବର, କାର୍ତ୍ତିକ ଶବର, ସୁମେଶ କୁଣ୍ଡିଙ୍ଗ, ଶ୍ରୀନୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନତା

**କାଶୀପୁର,୨୨।୧୦**

ରାୟଗଡ଼ା ଜିଲା ଜଳ ପରିମଳ ମିଶନ ତରଫରୁ କାଶୀପୁରରେ ସ୍ୱଚ୍ଛତା ନେଇ ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନତା କରାଯାଇଛି । ଏଥିରେ ବିଡ଼ିଓ ବେଦବର ପ୍ରଧାନ ଏବଂ ଜେଇ ଦାମୋଦର ବେହେରା ଉପସ୍ଥିତ ଥିଲେ । ଭୁବନେଶ୍ୱରରୁ ଆସିଥିବା ପପେଟ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ କଳାକାରମାନେ 'ଖଜୁରି ଗଛ' ଏକ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ । ଏହି ନାଟକ ହୃଦୟସ୍ପର୍ଶୀ ଥିଲା । ଗ୍ରାମବାସୀ ବହୁ ସଂଖ୍ୟାରେ



କଳାକାରମାନେ ନାଟକ ପରିବେଷଣ କରୁଛନ୍ତି ।

ଯୋଗ ଦେଇ ନାଟକଟିକୁ ଉପଭୋଗ କରିଥିଲେ । ପରିବେଶକୁ ସଫାସୁତରା ରଖିବା, ପାଇଖାନା ବ୍ୟବହାର କରିବା, ପ୍ଲାଷ୍ଟିକ ବର୍ଜନ, ପାଣିକୁ ଫୁଟାଇ ପିଇବା, ମଶାରି ଟାଙ୍ଗି ଶୋଇବା ଆଦି ନେଇ ଲୋକଙ୍କୁ ସଚେତନ କରିଥିଲେ ।



ବରିଷ୍ଠ ମହିଳାଙ୍କୁ ପରିଚୟପତ୍ର ପ୍ରଦାନ କରାଯାଉଛି ।

## ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ

**ଗୁଣପୁର,୨୨।୧୦(ଡି.ଏନ.ଏ)**

ଗୁଣପୁର ଆଦର୍ଶ ଥାନାରେ ମଙ୍ଗଳବାର ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ପରିସରରରେ ଆୟୋଜିତ କାର୍ଯ୍ୟକ୍ରମରେ ଡିଆଇଜି ସଫିନ ଅହମ୍ମଦ, ଏସପି ଡ.ଶ୍ରବଣ ବିବେକ ଏମ, ଜିଲା ବରିଷ୍ଠ ନାଗରିକ ମଙ୍ଗଳ ସଂଘର ଉପଦେଷ୍ଟା ଏନ.ଏନ.ପାଢୀ, ଗୁଣପୁର ସଂଘ ସଭାପତି ସୂର୍ଯ୍ୟନାରାୟଣ ରଥ, ଏସଡିପିଓ ରାଜକିଶୋର ଦାସ ପ୍ରମୁଖ ଉପସ୍ଥିତ ରହି ବରିଷ୍ଠ ନାଗରିକଙ୍କୁ ପରିଚୟ ପରିଚୟପତ୍ର ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂଘ ସଭାପତି ବିନୋଦ ଚନ୍ଦ୍ର ପଣ୍ଡା, କାର୍ଯ୍ୟକାରୀ ସଭାପତି ଡ.ନିରଞ୍ଜନ ବକ୍ସିପାତ୍ର, ସମ୍ପାଦକ ଦେବେନ୍ଦ୍ର ନାଥ ମହାପାତ୍ର, ଗୁଣପୁର ସଂଘ ସମ୍ପାଦକ ବି.ଏଲ. ନାରାୟଣ, ସୌରା ପଣ୍ଡା, ନିଳମାଧବ ପାଢୀଙ୍କ ସମେତ ସହରର ବହୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ । ଗୁଣପୁର ଆଇଆଇସି ରଶ୍ମି ରଞ୍ଜନ ପ୍ରଧାନ , ସାମାଜିକ କର୍ମୀ ଅକ୍ଷୟ ଦାସ, ରମେଶ ଲିମା ଏବଂ ଅନ୍ୟାନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଶହୀଦ ସ୍ମୃତି ଦିବସ ପାଳିତ



**ଗୁଣପୁର,୨୨।୧୦(ଡି.ଏନ.ଏ)**

ରାୟଗଡା ଜିଲା ରାମନାଗୁଡା ବ୍ଲକ ଭାମିନିସ୍ଥିତ ୨ୟ ଆଇଆରବିଏନ କ୍ୟାମ୍ପରେ ଶହୀଦ ସ୍ମୃତି ଦିବସ ସୋମବାର ପାଳିତ ହୋଇଯାଇଛି। ଏଥିରେ ଗୁଣପୁର ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କମାଣ୍ଡାଣ୍ଟ ସଫେଦ କୁମାର ଶତପଥୀ, ଡେପୁଟି କମାଣ୍ଡାଣ୍ଟ ଜୁରିଆ ବେହେରା, ଜିଆଇଇଟିବିଶ୍ୱବିଦ୍ୟାଳୟ ଉପସଭାପତି ଡ.ଚନ୍ଦ୍ରଧ୍ୱଜ ପଣ୍ଡା, ରେଜିଷ୍ଟ୍ରାର ଡ. ଏନ.ଭି.ଜେ. ରାଓ, ବିଜେଡି ନେତା ଗଗନ ଆଚାର୍ଯ୍ୟଙ୍କ ସମେତ ଉକୁମ୍ବା ଏବଂ ଭାମିନୀ ସରପଞ୍ଚ ଯୋଗଦେଇ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ । ଏଥିସହ ୨୯୨ ଜଣଙ୍କୁ ମନେ ପକାଇ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ ।

## ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା

**ପାରଳାଖେମୁଣ୍ଡି, ୨୨।୧୦ (ସ୍ୱ.ପ୍ର.)**

ପାରଳାଖେମୁଣ୍ଡିସ୍ଥିତ ଆରଏମ୍‌ସି ସଭାଗୃହରେ ନେହ୍ରୁ ଯୁବକେନ୍ଦ୍ର ପକ୍ଷରୁ ଏକ ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ମୋହନା, ଆର୍.ଉଦୟଗିରି, ରାୟଗଡ, ଗୋଷାଣୀ, ଗୁମ୍ମା ଓ କାଶୀନଗର ବ୍ଲକର ପ୍ରତିଯୋଗୀ ଭାଗ ନେଇଥିଲେ। ଭଗବତ ପାଢି , ସୁଶିଳା ମିଶ୍ର, ଗୁପ୍ତେଶ୍ୱର ମହାପାତ୍ର ଏବଂ ବିଜୟ କୁମାର ମହାପାତ୍ର ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ। ଗୋଷାଣୀ ବ୍ଲକର ଶ୍ରୀକାନ୍ତ ପଣ୍ଡା ପ୍ରଥମ, ମୋହନାର ରମାକାନ୍ତ ମଲ୍ଲିକ ୨ୟ ଏବଂ ଗୋଷାଣୀର ରୋହିତ ପାତ୍ର ୩ୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ଯୁବ ସଂଯୋଜକ ବିଜୟ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ପଲାକି ପ୍ରସାନ୍ତ ଏଥିରେ ସହଯୋଗ କରିଥିଲେ।



ମୈତ୍ରୀମେଳାରେ ମଞ୍ଚାସୀନ ଅତିଥି ।

## ବ୍ଲକସ୍ତରୀୟ ମୈତ୍ରୀ ମେଳା

**କଲ୍ୟାଣସିଂହପୁର,୨୨।୧୦(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ସେରିଗୁମ୍ମା ପଞ୍ଚାୟତ ହାଇସ୍କୁଲ ପଡ଼ିଆରେ ବ୍ଲକସ୍ତରୀୟ ମୈତ୍ରୀ ମେଳା ଅନୁଷ୍ଠିତ ହୋଇଯାଇଛି । ରାୟଗଡ଼ା ଜିଲା ପୋଲିସ ପ୍ରଶାସନ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏସଡ଼ିପିଓ ତପନନାରାୟଣ ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୋଲିସର ସମାଜ ପ୍ରତି ଥିବା ଦାୟିତ୍ୱ ସମ୍ପର୍କରେ ବୁଝାଇଥିଲେ । ଲୋକମାନେ ପୋଲିସକୁ ଭୟ ନ କରି ମିଳିମିଶି ସମାଜରୁ ହିଂସା ଓ କୁସଂସ୍କାର ଦୂର କରିବା ନେଇ ପରାମର୍ଶ ଦେଇଥିଲେ । ପୋଲିସ ବିଭାଗରେ କାର୍ଯ୍ୟରତ ଅନୁପ ଶତପଥୀ ଯୋଗ ଦେଇ ଚେଙ୍କ ନ ଦେବା ତଥା ଅନ୍ଧବିଶ୍ୱାସ, ଗୁଣିଗାରେଡ଼ି ଇତ୍ୟାଦିରୁ ଦୂରେଇ ରହିବାକୁ ଲୋକଙ୍କୁ ବୁଝାଇଥିଲେ । ଏଥିସହ ନିଜର ଯାଦୁ ଖେଳ ସମସ୍ତଙ୍କୁ ଦେଖାଇଥିଲେ । ସମିତି ସଭ୍ୟା ସଦାଇ ପଡ଼ିସିକା, ସରପଞ୍ଚ ଲକିନାଥ ନାଚିକା, ଜିଲାପରିଷଦ 'ଖ' ଜୋନ ସଭ୍ୟ ବଳରାମ ନାଚିକା, ପ୍ରଧାନଶିକ୍ଷକ ନବୀନ ନାୟକ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ପରେ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ସାମଗ୍ରୀ ଓ ବୟସ୍କ ଲୋକଙ୍କୁ କମ୍ବଳ,ମଶାରି ବଣ୍ଟନ କରାଯାଇଥିଲା । ଏହି ଅବସରରେ ଏକ ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରାଯାଇ ଔଷଧ ପ୍ରଦାନ କରାଯାଇଥିଲା । କଲ୍ୟାଣସିଂହପୁର ଥାନା ସବ୍‌ଇନ୍ସପେକ୍ଟର ଦୀପ୍ତିରଞ୍ଜନ ସାହୁ, ଏସ୍‌ଆଇ କୃତ୍ତିବାସ ହରିଚନ୍ଦନ, ସିଆର୍‌ପିଏଫ୍ ୪ର୍ଥ ବାଟାଲିୟନ ଆସିଷ୍ଟାଣ୍ଡ କମାଣ୍ଡାଣ୍ଟ ଗୁରୁ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ ।

## କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ


କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି ।

**ପାରଳାଖେମୁଣ୍ଡି, ୨୨।୧୦ (ସ୍ୱ.ପ୍ର.)**

ଗୋଷାଣୀ ବ୍ଲକ କତଲକଇଠର କ୍ଲଷ୍ଟରସ୍ତରୀୟ ଶିଶୁ ପ୍ରତିଭା କାର୍ଯ୍ୟକ୍ରମ 'ସୁରଭି' ଅନୁଷ୍ଠିତ ହୋଇଛି। ଗୋଷାଣୀ ବ୍ଲକ ନୂଆକେରାଣ୍ଡିସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ କେରାଣ୍ଡି ସରପଞ୍ଚ ଏସ୍.ରେଗେଟିରାଣୀ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ମଧରେ ରଚନା, ବକ୍ତୃତା, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀମାନେ ୨୫ ତାରିଖରେ ହେବାକୁ ଥିବା ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବେ। ଏହି କାର୍ଯ୍ୟକ୍ରମରେ ସିଆର୍‌ସିସି ଭି.ଭେଙ୍କଟ ରାବଣା, ପ୍ରଧାନଶିକ୍ଷକ ୱାଇ.ଡିଲ୍ଲେଶ୍ୱର ରାଓ, ରବିକୁମାର ମୁଙ୍ଗି ପ୍ରମୁଖଙ୍କ ସମେତ ଅନ୍ୟ ଶିକ୍ଷୟତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

## ସାପ୍ତାହିକ ହାଟର ଭୂମିପୂଜନ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

**ଜେକେପୁର, ୨୨।୧୦ (ଡି.ଏନ୍.ଏ.)**

କୋଲନରା ବ୍ଲକ ଗାଡ଼ିଶେଷଖାଲ ପଞ୍ଚାୟତ କେଲ୍‌ଟିଗୁଡା ଗ୍ରାମରେ ଗ୍ରାମୀଣ ସାପ୍ତାହିକ ହାଟର ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହା ଜେ.କେ. କାଗଜକଳ ତଥା ସ୍ପର୍ଶ ଅନୁଷ୍ଠାନ ଏବଂ ନାବାର୍ଡର ମିଳିତ ସହାୟତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାବାର୍ଡ଼ର ଏଜିଏମ୍ ପ୍ରଦ୍ୟୁମ୍ନ ପାଲ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃଷକମାନେ ଓ ଏସ୍‌ଏଚ୍‌ଜିର ସଦସ୍ୟମାନେ କୃଷିଜାତ ଦ୍ରବ୍ୟର କ୍ରୟ ବିକ୍ରୟ ଉକ୍ତ ହାଟରେ କିପରି କରିବେ ଓ ସ୍ଥାନୀୟ ଜନସାଧାରଣ କିପରି ଏଥିରେ ଉପକୃତ ହୋଇପାରିବେ ସେ ନେଇ କହିଥିଲେ । ଜେକେ କାଗଜକଳର ଏଏସ୍‌ଆର ଡ. ପ୍ରଫୁଲ୍ଲ କୁମାର ଧଳ ସମ୍ମାନିତ ଅତିଥି, ସରପଞ୍ଚ ଲୋକନାଥ କଣ୍ଡାଗରି ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ସ୍ପର୍ଶ ସଂସ୍ଥାର ଟିମ୍ ଲିଡର କିଶୋର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ସ୍ପର୍ଶ ସଂସ୍ଥାର ତପନ ପେଦେଣ୍ଟି, ରାଜେଶ ବିଶ୍ୱାଳ, ବିକ୍ରମ ପ୍ରଧାନ, ସରୋଜ ଯାଦବ, ମନୁଶ୍ରୀ ରାୟ, କାନିନି ସିଂ, ମଧୁସୂଦନ କରକରିଆ, ଅଶୋକ ନାଲା, ବାସୁଦେବ ବିନ୍ଧପାଣି ପ୍ରମୁଖ ସହଯୋଗ କରିଥିଲେ ।

# ମୁନିଗୁଡ଼ାରେ ୫-ଟି କାର୍ଯ୍ୟକ୍ରମ

**ମୁନିଗୁଡା, ୨୨।୧୦ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା ମୁନିଗୁଡା ବିଜୁ କଲ୍ୟାଣ ମଣ୍ଡପ ପରିସରରେ ମୁନିଗୁଡା ଗ୍ରାମ ପଞ୍ଚାୟତ ଆନୁକୂଲ୍ୟରେ ୫-ଟି କାର୍ଯ୍ୟକ୍ରମ ତଥା ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୨୩ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିଲା । ବିଡ଼ିଓ ଦିଲୀପ ବେହେରା, ତହସିଲଦାର ଦେବାଶିଷ ଗୌଡ, ଏଇ ରାମଚନ୍ଦ୍ର ପ୍ରଧାନ, ଏପିଓ ମାନସୀ ପାତ୍ର, ସରପଞ୍ଚ ଜଗା ଶବର ଓ ଆକାଉଣ୍ଟ ଅଫିସର ବିଜୟ କୁମାର ବେବର୍ତ୍ତା ପ୍ରମୁଖ ଯୋଗଦେଇ ବ୍ୟକ୍ତିଗତ ସମସ୍ୟାଗୁଡିକ ସମାଧାନ କରିଥିଲେ । ଏହି ଅବସରରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା । ଡାକ୍ତର ଏସ୍. ମହାପାତ୍ର ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣାରେ ଔଷଧ ବଣ୍ଟନ କରିଥିଲେ । ସରକାରଙ୍କ ଦ୍ୱାରା ମହିଳା ସଙ୍ଗଠନଗୁଡିକୁ କ'ଣ ସାହାଯ୍ୟ ମିଳିବ ଓ ସେମାନେ କି କି


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀମାନେ ।

ପ୍ରକାର ନିଜେ ରୋଜଗାର କରିପାରିବେ ସେ ନେଇ ଭିଡ଼ିଓ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା । ଏଥିସହ ୩ଟି ମହିଳା ସଙ୍ଗଠନ (ଏସ୍‌ଏଚ୍‌ଜି) କୁ ୬୦ ହଜାର ,ଦୁଇଟି ଗ୍ରୁପ୍‌କୁ ୭୦ ହଜାର ଋଣ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଯୋଗାଣ ଅଧିକାରୀ ମାନସ ଜେନା, ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତା ବେହେରା, ଯନ୍ତ୍ରୀ ନିରଞ୍ଜନ ବେହେରା, ଜୟନାରାୟଣ ପ୍ରକାଶ ଭଞ୍ଜରାୟ, ବିପିଏମ୍ କ୍ଷୀରୋଦ ଭୂୟାଁ, ଜିଆରଏସ୍ ପ୍ରଫୁଲ୍ଲ ହିଆଲଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ । ପଞ୍ଚାୟତ ପିଇଓ କୈଳାସ ପାତ୍ର ଏହାକୁ ପରିଚାଳନା କରିଥିଲେ ।

### ମାନିଗାଁ, ଧନସୁଲି ବିଦ୍ୟାଳୟର ୩ ଶିକ୍ଷକ ନିଲମ୍ବନ ଘଟଣା

# ଆଜି ସ୍କୁଲ ଯାଇ ତଦନ୍ତ କରିବ ଦଳୀୟ କମିଟି

## କଂଗ୍ରେସର ବୈଠକ

ନବରଙ୍ଗପୁର,୨୨।୧୦(ବି.ପ୍ର.)

ଜିଲା କଂଗ୍ରେସର ଏକ ଜରୁରୀ ବୈଠକ ମଙ୍ଗଳବାର କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କ ଅଭିଯୋଗ କ୍ରମେ ମାନିଗାଁ ଓ ଧନସୁଲି ବିଦ୍ୟାଳୟର ୩ଜଣ ଶିକ୍ଷୟତ୍ରୀ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି। ଏହା ପରେ ଶିକ୍ଷକ ସଂଘ କଂଗ୍ରେସ କମିଟିକୁ ଏକ ଦାବିପତ୍ର ଦେଇଥିଲା। ଘଟଣାର ତଦନ୍ତ କରିବାକୁ କଂଗ୍ରେସ ପକ୍ଷରୁ ୮ ଜଣିଆ ଟିମ୍ ଗଠନ କରାଯାଇଛି। ଜିଲା ମଙ୍ଗଳ ଅଧିକାରୀଙ୍କୁ ଏକ ଦରଖାସ୍ତ ଦେଇ ୨୩ ତାରିଖ ଦିନ ଉକ୍ତ କମିଟି ଉକ୍ତ ବିଦ୍ୟାଳୟକୁ ଯାଇ ଘଟଣାର ତଦନ୍ତ କରିବ। ତଦନ୍ତ ରିପୋର୍ଟ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯିବ ବୋଲି କଂଗ୍ରେସ ସଭାପତି ମୁନା ତ୍ରିପାଠୀ ସୂଚନା ଦେଇଛନ୍ତି। ଅକ୍ଟୋବର ୩୧ରେ ଇନ୍ଦିରା ଗାନ୍ଧୀଙ୍କ ୩୫ତମ ଶ୍ରାଦ୍ଧ ଦିବସ ନନ୍ଦାହାଣ୍ଡି ବ୍ଲକର ଡଙ୍ଗରଭେଜାରେ ପାଳିତ ହେବ। ଦଳ ପକ୍ଷରୁ କ'ଣ ସବୁ ପ୍ରସ୍ତୁତି କରାଯାଇଛି ସେ ନେଇ ଆଲୋଚନା ହୋଇଥିଲା। ଏଥିରେ ନୁଆପଡା କଂଗ୍ରେସ ବିଧାୟକ ଅଧିରାଜ ପାଣିଗ୍ରହୀ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ମୋହନା ବିଧାୟକ ଦାଶରଥୀ ଗୋମାଙ୍ଗ, ଛତିଶଗଡ କଂଗ୍ରେସ ଏମ୍‌ପି ଦିପକ ବେଜ୍, ମନ୍ତ୍ରୀ ଲଖେଶ୍ୱର ବଘେଲ ଅତିଥିଭାବେ ଯୋଗଦେବେ। ପୂର୍ବତନ ଏମ୍‌ପି ତଥା ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି, ପୂର୍ବତନ ବିଧାୟକ ଭୂଜବଳ ମାଝି ଓ ସଦନ ନାୟକଙ୍କ ସମେତ କୋରାପୁଟ, ମାଲକାନଗିରି ଓ ରାୟଗଡ଼ାର ବରିଷ୍ଠ କଂଗ୍ରେସ କର୍ମୀମାନେ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେବେ। ବୈଠକରେ ପୂର୍ବତନ ବିଧାୟକ ସଦନ ନାୟକଙ୍କ ସମେତ ପିସିସି ସଭ୍ୟ ଦିଲ୍ଲୀପ ବେହେରା, ଭୀମ ହରିଜନ, ଧରମ ସିଂ, ବୃନ୍ଦାବନ ତ୍ରିପାଠୀ, ବନମାଳି ଭତରା, ହୁରୁ ବାନୋ, ହୁସନା ବାନୋ, ପ୍ରଣତି ତ୍ରିପାଠୀ, ପ୍ରଭାତି ତ୍ରିପାଠୀ, ତାଜ ଇମ୍ରାନ ସାରିଫ, ସୁମିତ ପୂଜାରୀ, କୁନା ପାଢୀ, ବାବୁଲି ବାଗ, ପ୍ରଦୀପ ସାହୁ, ମାର୍କଣ୍ଡ ସାହୁ, ବାସୁଦେବ ପଟ୍ଟନାୟକ, ସତ୍ୟନାରାୟଣ ତ୍ରିପାଠୀ, ବସନ୍ତ ବିଷୋୟୀ, ଦିଲ୍ଲୀପ ପ୍ରଧାନୀ, ଦ୍ୱାରିକା ମହାପାତ୍ର, ଚନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

# ଆଜିଠୁ ଲଘୁଚାପ ବର୍ଷା ସମ୍ଭାବନା

ପାରଳାଖେମୁଣ୍ଡି, ୨୨।୧୦ (ସ୍ୱ.ପ୍ର.)

ଗଜପତି ଜିଲାରେ ୨୩ ତାରିଖରେ ଲଘୁଚାପ ଜନିତ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ଓ ପଶ୍ଚିମ କେନ୍ଦ୍ର ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ବୁଧବାର ଲଘୁଚାପର ରୂପ ନେଇ ଗଜପତି ଜିଲାରେ ପ୍ରବଳ ବର୍ଷିବା ସମ୍ଭାବନା ରହିଛି। ଏଥିପାଇଁ ଜିଲାକୁ ୟେଲୋ ଜୋନ୍‌ରେ ରଖାଯାଇଛି। ଏହି ଲଘୁ ଚାପ ପ୍ରଭାବରେ ଗଜପତି, ଗଞ୍ଜାମ, ପୁରୀ, ନୟାଗଡ, କନ୍ଧମାଳର ନୂଆପଡା ଓ ବଲାଙ୍ଗୀରରେ ବର୍ଷାର ସମ୍ଭାବନା ରହିଛି। ଏଥିପାଇଁ ପ୍ରଶାସନ ପ୍ରସ୍ତୁତ ରହିଛି।












ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି । କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।
- ଟଲଷ୍ଟୟ



■ ବୈପାରୀଗୁଡ଼ାରେ ସ୍ୱଚ୍ଛ ଭାରତ ଯୋଜନା ବାଟବଣା

# ନିର୍ମାଣରେ ଚଞ୍ଚକତା, କାମରେ ଆସୁନି ପାଇଖାନା

ବୈପାରୀଗୁଡ଼ା,୨୨।୧୦(ଡି.ଏନ୍.ଏ.)

ବୈପାରୀଗୁଡ଼ା ବ୍ଲକରେ ସ୍ୱଚ୍ଛ ଭାରତ ଯୋଜନା ବାଟବଣା ହୋଇଛି। ବ୍ଲକର ଦଣ୍ଡାବାଡ଼ି ପଞ୍ଚାୟତ ଅନ୍ତର୍ଗତ କାଣ୍ଡିକିଗୁଡ଼ା ଓ କଦଳିପଦର ଗ୍ରାମରେ ଏହି ଯୋଜନାର ବ୍ୟତିକ୍ରମ ଚିତ୍ର ଦେଖିବାକୁ ମିଳିଛି, ଯେଉଁଠି ପାଇଖାନା ନିର୍ମାଣରେ ଚଞ୍ଚକତା ହୋଇଛି। କେବଳ ସେତିକି ନୁହେଁ, ଗୋଟିଏ ପାଇଖାନା ଦୁଇ ଜଣଙ୍କ ନାଁରେ ରହିଛି। ଅନେକ ସ୍ଥାନରେ ପାଇଖାନା ଜାଳେଣି ଘର ପାଲଟିଛି।

କାଣ୍ଡିକିଗୁଡ଼ା ଗ୍ରାମରେ ଚଳିତ ବର୍ଷ ୨ଟି ପର୍ଯ୍ୟାୟରେ ୩୯ ଜଣ ହିତାଧିକାରୀଙ୍କ ୧୨ ହଜାର ଟଙ୍କା ଲେଖାଏଁ ଅନୁଦାନ ଦିଆଯାଇ ପାଇଖାନା ନିର୍ମାଣ ହୋଇଛି । ଏସବୁ ପାଇଖାନା ଠିକାରେ ଦିଆଯାଇଛି। ତେବେ ଯେଭଳି ତିଆରି ହୋଇଛି, ତାହା ବ୍ୟବହାର ଉପଯୋଗୀ ହେଉ ନ ଥିବା ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ୩ ଫୁଟ ଲେଖାଏ ଲମ୍ବ, ଚଉଡ଼ା ଓ ଗଭୀର ବିଶିଷ୍ଟ ଟାଙ୍କି ନିର୍ମାଣ କରିବାର ନିୟମ ଥିବାବେଳେ ଅନେକ ଜାଗାରେ ମାଟି ଆଦୌ ଖୋଳା ନ ଯାଇ ମାଟି ଉପରେ କେବଳ ମସଲା ଢଳାଯାଇଥିବା ସେମାନେ କହିଛନ୍ତି। ଟାଙ୍କିକୁ ମଳ ନିଷ୍କାସନ ପାଇଁ ସଂଯୋଗ ପଥ ନାହିଁ। ଫଳରେ ଏସବୁ ପାଇଖାନା କାମରେ ଆସୁ ନ ଥିବାରୁ ଲୋକେ ସେଠାରେ ଜାଳେଣି ପାଇଁ ଜଙ୍ଗଲରୁ ଆଣୁଥିବା ଝାଟି ସାଇତି ରଖୁଛନ୍ତି। ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ହେଲା ଉକ୍ତ ଗାଁରେ ଗୋଟିଏ ପାଇଖାନା କାନ୍ଥରେ ଲେଖାଯାଇଥିବା ଫଳକରେ ୨ ଜଣ ହିତାଧିକାରୀଙ୍କ ନାମ ରହିଛି। ସାମ୍ନାପଟ



କାନ୍ଥରେ ହିତାଧିକାରୀଙ୍କ ନାମ ପୁରୁଦୁ ଖିଲ ଗ୍ରାମ ଲିମ୍ବପଦର ଲେଖାଯାଇଥିବା ବେଳେ ସାଇଡ୍ କାନ୍ଥରେ ସେହି ଗ୍ରାମର ଅନ୍ୟ ଜଣେ ହିତାଧିକାରୀ ଜଗବନ୍ଧୁ ଖିଲଙ୍କ ନାମ ଲେଖାଯାଇଛି। କୌତୁହଳର ବିଷୟ ପୁରୁଦୁ ଖିଲଙ୍କ ଗ୍ରାମ ଲିମ୍ବପଦର ସେଠାରୁ ୭ କିମି ଦୂରରେ ରହିଛି। ପୁନଶ୍ଚ ଉକ୍ତ ପାଇଖାନାଟି ମଧ୍ୟ ଜଗବନ୍ଧୁଙ୍କ ବଦଳରେ ଅନ୍ୟ ଜଣଙ୍କ ଜାଗାରେ ରହିଛି। ଜଗବନ୍ଧୁଙ୍କ ଘରକୁ ଲାଗି ନିର୍ମାଣ ହୋଇଥିବା ଅନ୍ୟ ଏକ ପାଇଖାନା କାନ୍ଥରେ ହିତାଧିକାରୀଙ୍କ ନାମ ଲବ ସାନ୍ତାଙ୍କ ନାମ ଲେଖାଯାଇଛି। ପଢ଼ାଲେଖା ଜାଣି ନ ଥିବା ଜଗବନ୍ଧୁ ଉକ୍ତ ପାଇଖାନାକୁ ନିଜର ବୋଲି ଭାବୁଛି । ପାଇଖାନା କାନ୍ଥରେ ଏପରି ବିଭ୍ରାନ୍ତିକର ଲେଖାକୁ ନେଇ ସନ୍ଦେହ ଉପୁଜୁଛି। ଗ୍ରାମର ଅନ୍ୟ ଜଣେ ହିତାଧକାରୀ ଦଳପତି ସାନ୍ତା ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ଆଣିଛନ୍ତି। ତାଙ୍କ ପାଇଖାନାରେ ପ୍ୟାନ୍ ସହ ଟାଙ୍କିର ସଂଯୋଗ ପଥ ନାହିଁ। ପ୍ୟାନ୍ ଓ ଟାଙ୍କି ପାଇପ୍‌କୁ ସଂଯୋଗ କରିବା ପାଇଁ ଥିବା ପ୍ରି ଟ୍ୟାପ୍ ଲାଗିନାହିଁ। ଏହାକୁ ସେ ହାତରେ ଧରି ଦେଖାଉଛନ୍ତି। ସେହିପରି ନିର୍ମାଣ ହୋଇଥିବା ଟାଙ୍କିକୁ ହାତରେ ତାଡିଦେଲେ ବାହାରି ପଡୁଛଇ। ପାଇଖାନା ନିର୍ମାଣ ବେଳେ କୌଣସି ଅଧିକାରୀ ଯାଞ୍ଚ କରୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ସେହିପରି ସେହି ପଞ୍ଚାୟତର କଦଳିପଦର ଗ୍ରାମରେ ମଧ୍ୟ ନିର୍ମାଣ ହୋଇଥିବା ପ୍ରାୟ ୪୦ ପାଇଖାନା ଅନୁରୂପ ଅବସ୍ଥା ବୋଲି ଅଭିଯୋଗ ହୋଇଛି । ଏସବୁ ପାଇଖାନା ବ୍ୟବହାର ଉପଯୋଗୀ ହୋଇ ନ ଥିବାରୁ ଲୋକେ ପୂର୍ବ ପରି ଶୌଚ ପାଇଁ ବାହାରକୁ ଯାଉଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ କନିଷ୍ଠ ଯନ୍ତ୍ରୀ ଶାନ୍ତନୁ ପାତ୍ରଙ୍କୁ ପଚାରିବାରୁ ଏସବୁ ପାଇଖାନାର ବିଲ୍ ଏ ପର୍ଯ୍ୟନ୍ତ ହୋଇନାହିଁ। ଅଭିଯୋଗ ପାଇବା ପରେ ସେ ଏହାର ତଦନ୍ତ କରିବେ।

ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି

# ୩୧ ଯାଏଁ ଚାଲିବ କୋର୍ଟ ବର୍ଜନ

ଜୟପୁର,୨୨।୧୦(ନି.ପ୍ର.)

ହାଇକୋର୍ଟ ବେଞ୍ଚ ଦାବିରେ ଓକିଲଙ୍କ କୋର୍ଟ ବର୍ଜନ ଅବଧିକୁ ପୁଣି ବୃଦ୍ଧି କରାଯାଇଛି। ଗତ ଡିସେମ୍ବର ୪ରୁ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ୧୧ ମାସରେ ପହଞ୍ଚିଲାଣି। କ୍ରିୟାନୁଷ୍ଠାନ କମିଟି ଜୟପୁରରେ ବୈଠକ କରି ଆନ୍ଦୋଳନକୁ ଅକ୍ଟୋବର ୩୧ ଯାଏ ବଢ଼ାଇଛି। ୨୪ ଯାଏ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିବ। ୨୫ରୁ ୩୧ ତାରିଖ ଯାଏ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବ କମିଟି। ବୈଠକରେ ଲକ୍ଷ୍ମୀପୁର, ସେମିଳିଗୁଡ଼ା, କୋରାପୁଟ, ଜୟପୁର, ବୋରିଗୁମ୍ମା, କୋଟପାଡ଼ ଓ ନବରଙ୍ଗପୁର ବାର୍ ଉପସ୍ଥିତ ଥିଲା। ୩୦ ତାରିଖରେ ବୈଠକ ବସି ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର ହେବ।

■ ଅବସରକାଳୀନ ରାଶି ପ୍ରଦାନ ଦାବି

# ଧାରଣାରେ ଅବସରପ୍ରାପ୍ତ ଏଜିଏମ୍

ଜୟପୁର,୨୨।୧୦(ନି.ପ୍ର.)

କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ଯାଏ ଧାରଣାରେ ବସିଛନ୍ତି ଅବସରପ୍ରାପ୍ତ ଏଜିଏମ ବିନୋଦ କୁମାର ଷଡ଼ଙ୍ଗୀ। ଅବସର ନେବା ପରେ ମଧ୍ୟ ବ୍ୟାଙ୍କ ତାଙ୍କର ଗ୍ରାଚ୍ୟୁଟି ଓ ଛୁଟିଜନିତ ବକେୟା ଟଙ୍କା ଦେଉ ନ ଥିବାରୁ ସେ ଏପରି ଧାରଣାରେ ବସିଛନ୍ତି । ଏହି ଧାରଣାକୁ ସିଟି କୋର୍ଡିନେସନ କମିଟି ସମର୍ଥନ ଜଣାଇ ଧାରଣାରେ ବସିଛି। ବିନୋଦଙ୍କ ନାମରେ ଟଙ୍କା ହଡ଼ପ ନେଇ ଅଭିଯୋଗ ହୋଇଥିବାରୁ ବିଭାଗ ଟଙ୍କା ଦେଉ ନ ଥିବା ଜଣାପଡ଼ିଛି। କିନ୍ତୁ ସେ କୌଣସି ଟଙ୍କା ହଡ଼ପ କରିନାହାନ୍ତି ବୋଲି ବିନୋଦ ପ୍ରକାଶ କରିଛନ୍ତି । ବ୍ୟାଙ୍କ ସମ୍ପାଦକ ଅନନ୍ତ ସାମଲ ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କ ସହ ଆଲୋଚନା ପରେ ଧାରଣାସ୍ଥଳରେ ପହଞ୍ଚି ପ୍ରତିଶ୍ରୁତି



ଅବସରପ୍ରାପ୍ତ ଏଜିଏମ୍ ଓ ଅନ୍ୟମାନେ ଧାରଣାରେ ବସିଛନ୍ତି ।

ଦେଇଥିଲେ ଯେ ବିନୋଦଙ୍କ ଗ୍ରାଚ୍ୟୁଟି ଟଙ୍କା ତାଙ୍କର ଖାତାରେ ଜମା କରାଯିବ। ଛୁଟି ଓ ଅନ୍ୟ ଅବସରକାଳୀନ ଟଙ୍କା ତାଙ୍କ ବିରୋଧରେ ଥିବା ଦୁର୍ନୀତି ଅଭିଯୋଗର ତଦନ୍ତ ପରେ ଦିଆଯିବ। ଏହାପରେ ଧାରଣା ହଟିଥିଲା । ଧାରଣାରେ ରାମକୃଷ୍ଣ ସାହୁ, ଯୁଧିଷ୍ଠିର ରାଉଳ, ପ୍ରମୋଦ ମହାନ୍ତି ସାମିଲ ରହିଛନ୍ତି। ଉଲ୍ଲେଖଯୋଗ୍ୟ, କେସିସି ବ୍ୟାଙ୍କର ବିଭିନ୍ନ ଲ୍ୟାମ୍ପରେ ଦୁର୍ନୀତି ଓ ଅର୍ଥ ଆତ୍ମସାତ୍ ଏବଂ ଲ୍ୟାମ୍ପର କର୍ମଚାରୀ ନିଯୁକ୍ତିରେ ମଧ୍ୟ ୨୮କୋଟି ୮୪ ଲକ୍ଷ ଟଙ୍କାର ଅନିୟମତତା ହୋଇଥିଲା। ବିନୋଦ ସେଥିରେ ସଂଶ୍ଳିଷ୍ଟ ଥିବା ଅଭିଯୋଗ ରହିଥିଲା।

# ପୂଜ୍ୟପାଦ ଦାଦାଙ୍କ ଜନ୍ମୋତ୍ସବ

ଜୟପୁର,୨୨।୧୦(ଡି.ଏନ୍.ଏ.):

ଜୟପୁର ସ୍ଥିତ ଡଙ୍ଗାଗୁଡ଼ା ସତସଙ୍ଗ ବିହାରଠାରେ ପରମ ପୂଜ୍ୟପାଦ ଶ୍ରୀ ଶ୍ରୀ ଦାଦାଙ୍କ ୮୭ତମ ଜନ୍ମୋତ୍ସବ ପାଳିତ ହୋଇଛି। ଉଷା କୀର୍ତ୍ତନ, ବିନୀତ ପ୍ରାର୍ଥନା ସହ ସକାଳ ୫ଟା ୪୦ରେ ଜନ୍ମଲଗ୍ନ ଘୋଷଣା କରାଯାଇଥିଲା। ଦିନ ୧୧ଟା ୩୦ରେ ସତସଙ୍ଗ ଅଧିବେଶନ ଆରମ୍ଭ ହୋଇଥିଲା। ଭଜନ କୀର୍ତ୍ତନ ପରେ ଜୟପୁର ସତସଙ୍ଗ ବିହାର ସଭାପତି ବିନୋଦ ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କେଦାରନାଥ ସାମନ୍ତରାୟ, ଶିଶିର ପରିଜା, କପିଳ ଚରଣ ମହାକୁଡ଼, ଗୋପାଳକୃଷ୍ଣ ମଣ୍ଡଳ, ମନୋରଞ୍ଜନ ପଣ୍ଡା, ବିଜୟ ଲେଙ୍କା, ବିଭୁ ଆଚାର୍ଯ୍ୟ, ଖଗେନ୍ଦ୍ର ବାରିକ ସହଯୋଗ କରିଥିଲେ। ଶେଷରେ ସତସଙ୍ଗ ସଭାପତି ବିନୋଦ ମହାପାତ୍ର ସାଧୁବାଧ ଦେଇଥିଲେ।

# ପୁଣି ୩ ନକଲି ମାଓବାଦୀ ଗିରଫ

କୋରାପୁଟ/ନାରାୟଣପାଟଣା, ୨୨।୧୦(ସ୍ୱ.ପ୍ର./ଡି.ଏନ୍.ଏ.)

କୋରାପୁଟ ଜିଲା ନାରାୟଣପାଟଣା ଅଞ୍ଚଳରୁ ୩ ଜଣ ନକଲି ମାଓବାଦୀ ମଙ୍ଗଳବାର ଗିରଫ ହୋଇଛନ୍ତି। ସେହି ଅଞ୍ଚଳରବହୁ ଠିକାଦାରଙ୍କଠାରୁ ମାଓବାଦୀଙ୍କ ନାମରେ ଅର୍ଥ ଆଦାୟ କରୁଥିବା ଅଭିଯୋଗରେ ଏମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଗିରଫମାନେ ହେଲେ ନାରାୟଣପାଟଣା କେନ୍ଦୁବାଡ଼ି ଗ୍ରାମର ବାସୁଦେବ ପାଙ୍ଗି, ତଳଗୁମାଣ୍ଡିର ସୁରଥ ତାଡିଙ୍ଗି, ତେନ୍ତୁଳିପଦର ଗ୍ରାମର ଯୁନେଶ ଖୋସଲା। ଏମାନଙ୍କଠାରୁ ପୋଲିସ ୭ଟି ମୋବାଇଲ ଜବତ କରିଛି। ସୂଚନା ଅନୁଯାୟୀ, କିଛିଦିନ ତଳେ ନାରାୟଣପାଟଣାରେ ଜୟପୁର ଅଞ୍ଚଳର ଠିକାଦାର ଦିପକ ବୁଦବାଲା ରାସ୍ତା କାମ କରୁଥିବାବେଳେ ଏହି ତିନି ଜଣ ମାଓବାଦୀଙ୍କ ନାମରେ ଫୋନ୍



ଗିରଫ ୩ ନକଲି ମାଓବାଦୀ ।

କରି ୨୫ ଲକ୍ଷ ଟଙ୍କା ଦାବି କରିଥିଲେ। ନାରାୟଣପାଟଣା ପୋଲିସ ଫୋନ୍ ଟ୍ୟାପ୍‌କରି ସେମାନଙ୍କୁ ଆଣି ସୋମବାର ପଚରାଉଚରା କରିଥିବା ବେଳେ ସେମାନେ ମାଓବାଦୀଙ୍କ ନାମରେ ଅର୍ଥ ମାଗିଥିବା ସ୍ୱୀକାର କରିଥିଲେ ବୋଲି ଥାନା ଅଧିକାରୀ ପ୍ରଦ୍ୟୁମ୍ନ ମହାପାତ୍ର କହିଛନ୍ତି। ଉଲ୍ଲେଖଯୋଗ୍ୟ, ସୋମବାର କାକିରିଗୁମ୍ମା ପୋଲିସ ୩ ଜଣ ନକଲି ମାଓବାଦୀଙ୍କୁ ଧରିବା ସହ ବନ୍ଧୁକ ଓ ମାଓବାଦୀ ପୋଷ୍ଟର ଜବତ କରିଥିଲା।

# ପ୍ରଧାନ ଶିକ୍ଷକଙ୍କ ନାଁରେ ସଙ୍ଗୀନ ଅଭିଯୋଗ

ସେମିଳିଗୁଡ଼ା,୨୨।୧୦(ସ୍ୱ.ପ୍ର.)

ସେମିଳିଗୁଡ଼ା ବ୍ଲକର ଦୁର୍ଗମ ଅଞ୍ଚଳ କାଣ୍ଟି ପଞ୍ଚାୟତର ଉପରକାଣ୍ଟି ପ୍ରାଥମିକ ସେବାଶ୍ରମର ପ୍ରଧାନ ଶିକ୍ଷକ ମଦ୍ୟପାନ କରି ଛାତ୍ରୀଙ୍କୁ ଅସଦାଚରଣ କରୁଥିବା ଅଭିଯୋଗ ହୋଇଛି। ସେଠାକାର ୭ ଜଣ ଛାତ୍ରୀ ମଙ୍ଗଳବାର ସକାଳେ ଆସି ସେମିଳିଗୁଡ଼ା ବିଡିଓ ସବ୍ୟସାଚୀ ବେହେରାଙ୍କୁ ଫେରାଦ ହୋଇଛନ୍ତି। ଦେଖା କରିବା ପାଇଁ ପିଲାମାନେ ନ ଖାଇ ଆସିଥିବା ବେଳେ ବିଡିଓ ହୋଟେଲରୁ ସେମାନଙ୍କ ପାଇଁ ଜଳଖିଆ ମଗାଇ ଖାଇବାକୁ ଦେଇଥିଲେ। ଏହାପରେ ସେମାନଙ୍କ ଅଭିଯୋଗ ଶୁଣି ଉପରକାଣ୍ଟି ପ୍ରାଥମିକ ସେବାଶ୍ରମକୁ ଯାଇ ସେଠାକାର ଶ୍ରେଣୀଗୃହ ତଦାରଖ କରିଛନ୍ତି। ଛାତ୍ରୀଙ୍କୁ ଏକାଠି ବସାଇ ସେମାନଙ୍କ କଥା ପଚାରି ବୁଝିବା ସହ ସ୍କୁଲର ନଥିପତ୍ର ତଥା ଛାତ୍ରୀଙ୍କ ଉପସ୍ଥାନ ଖାତା ଯାଞ୍ଚ କରିଥିଲେ। ପ୍ରତିଦିନ ୩୦ ଜଣ ଛାତ୍ରୀ ଆସୁଥିବା ବେଳେ ୮୧ ଜଣ ଛାତ୍ରୀଙ୍କ



**ଉପରକାଣ୍ଟି ସେବାଶ୍ରମରେ ଅବ୍ୟବସ୍ଥା**
- ୭ ଛାତ୍ରୀ ସେମିଳିଗୁଡ଼ା ଆସି ବିଡିଓଙ୍କୁ ଜଣାଇଲେ
- ତଦନ୍ତ କରି ଫେରିଲେ ବିଡିଓ, ଜିଲାପାଳଙ୍କୁ ଯିବ ରିପୋର୍ଟ

ଉପସ୍ଥାନ ପଡୁଛି। ପ୍ରଧାନ ଶିକ୍ଷକ କୈଳାସ ବେହେରା ବହୁ ଦିନଧରି ଛୁଟିରେ ରହିଥିବା ସତ୍ତ୍ୱେ କୌଣସି ସ୍କୁଲ ରେକର୍ଡରେ ତାଙ୍କର ଛୁଟି ଦରଖାସ୍ତ ନ ଥିବା ବିଡିଓ ଦେଖିଥିଲେ। ପିଲାଙ୍କ ମଧ୍ୟାହ୍ନଭୋଜନରେ ମଧ୍ୟ ଅନିୟମିୟତା ଦେଖାଦେଇଛି। ସପ୍ତାହରେ ଦୁଇଦିନ ଗୋଟିଏ ଲେଖାଏଁ ଅଣ୍ଡା ଦିଆଯାଉଛି। ସପ୍ତାହର ଗୋଟିଏ ଦିନ ଚିକେନ କିମ୍ବା ମାଛ ଦିଆଯିବାର ବ୍ୟବସ୍ଥା ଥିବାବେଳେ ଏହା ମଧ୍ୟ ଦିଆଯାଉନାହିଁ ବୋଲି ଛାତ୍ରୀମାନେ କହିଛନ୍ତି । ଗତ ୨ ସେପ୍ଟେମ୍ବରରେ ପ୍ରଧାନ ଶିକ୍ଷକ କାର୍ (ଓଡି୦୨ ଆର ୯୬୨୨)ରେ ରାତି ୧୨ଟାରେ ସେବାଶ୍ରମରୁ ୩ ବସ୍ତା ଚାଉଳ, ୩ ବସ୍ତା ଡ୍ରେସ ଓ ୫ ହଳ ଚପଲ ନେଇଯାଇଥିଲେ। ଏକଥା ପ୍ରଘଟ ନ କରିବା ପାଇଁ ସେ ଛାତ୍ରୀ ଓ ପିଅନଙ୍କୁ ଧମକ ଦେଇଥିଲେ। ଅନ୍ୟ ଜଣେ ଶିକ୍ଷକ ଅଭିଯୋଗ କରିଛନ୍ତି, ଅନୁପସ୍ଥିତ ରହୁଥିବା ଛାତ୍ରୀଙ୍କ ଉପସ୍ଥାନ ଖାତାରେ ରଖିବା ପାଇଁ ପ୍ରଧାନଶିକ୍ଷକ ତାଙ୍କୁ ଧମକ ଦେଇ ବାଧ କରିଥିବା କହିଛନ୍ତି। ବିଡିଓ ବେହେରା କହିଛନ୍ତି, ସେବାଶ୍ରମରେ ଶିକ୍ଷକ ମଦ ପିଇବା, ଛାତ୍ରୀଙ୍କୁ ଅସଦ୍ ବ୍ୟବହାର କରିବା, ରାତିରେ ହଷ୍ଟେଲରୁ ସମସ୍ତ ଜିନିଷ ନେଇଯିବା ଅଭିଯୋଗ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯିବ। ପ୍ରଧାନଶିକ୍ଷକ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ସୁପାରିସ୍ କରାଯିବ। ପାକଖୋଲା ପଞ୍ଚାୟତର ଲକ୍ଷ୍ମଣ ପାଢ଼ୀ କହିଛନ୍ତି, ଜଣେ ଶିକ୍ଷକ ଆଦିବାସୀ ଛାତ୍ରୀଙ୍କ ଉପରେ ଅତ୍ୟାଚାର ଓ ହଷ୍ଟେଲ ଜିନିଷ ଲୁଟ କରିବା ଦୁଃଖଦାୟକ ଘଟଣା। ବ୍ଲକ ଚେୟାରମ୍ୟାନ ଦୀନେଶ ଖରା କହିଛନ୍ତି, ଏଭଳି ଶିକ୍ଷକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ।

# କ୍ଲଷ୍ଟରସ୍ତରୀୟ ସୁରଭି ଉଦ୍‌ଯାପିତ



ସୁରଭି କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଛାତ୍ରୀମାନେ।

ପଟ୍ଟାଙ୍ଗି,୨୨।୧୦(ଡି.ଏନ୍.ଏ.)

ପଟ୍ଟାଙ୍ଗି କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ ହୋଇଛି। କ୍ଲଷ୍ଟର ସ୍ତରରେ ରହିଥିବା ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଏଥିରେ ସାମିଲ କରି ସେମାନଙ୍କ ଲୁକ୍କାୟିତ ପ୍ରତିଭା ଚିହ୍ନଟ କରିବା ହେଉଛି ଏହାର ଉଦ୍ଦେଶ୍ୟ। ପଟ୍ଟାଙ୍ଗି ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଧୀନରେ ରହିଥିବା ୧୨ଟି କ୍ଲଷ୍ଟର ସ୍ତରରେ ୧୭, ୧୮ ଓ ୧୯ ତାରିଖରେ ସୁରଭି କାର୍ଯ୍ୟକ୍ରମ କରାଯାଇ ବିଭିନ୍ନ ପ୍ରତିଯୋଗିତାରେ ପ୍ରତି କ୍ଲଷ୍ଟରରୁ ପ୍ରଥମ ସ୍ଥାନ ଗ୍ରହଣ କରିଥିବା ୧୭ ଜଣ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଛି। ସେମାନେ ଆସନ୍ତା ୨୪ରେ ବ୍ଲକସ୍ତରରେ ହେବାକୁ ଥିବା ଉପରୋକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ରାଲେଗଡ଼ା କ୍ଲଷ୍ଟର ଅଧୀନରେ ସିଆରସିସି ରବୀନ୍ଦ୍ର ପରିଡ଼ାଙ୍କ ଅଧକ୍ଷତାରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେଥିରେ ରେ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ରଜନୀକାନ୍ତ ବଡ଼ନାୟକ ଉପସ୍ଥିତ ଥିଲେ। ସେହିପରି ପଟ୍ଟାଙ୍ଗି ସିଆରସିସି ଆଭାରାଣୀ ଦାଶ, କୁସୁମା ସିଆରସିସି ସୁଜାତା ପାତ୍ର, ମାଳିପୁଟ ସିଆରସିସି ପ୍ରଭାତି ସେଠୀ, ପୁକାଲି ସିଆରସିସି ନବୀନ ଚନ୍ଦ୍ର ପଟ୍ଟନାୟକ, ସୁଙ୍କି ସିଆରସିସି ମହେନ୍ଦ୍ର ଭତ୍ରା, ଅମ୍ବାବାଲି ସିଆରସିସି ମହେଶ୍ୱର ବେହେରା ଓ ତଳଗୋଲୁର ସିଆରସିସି ବିକାଶ ଚନ୍ଦ୍ର ହନ୍ତାଳ ନିଜ କ୍ଲଷ୍ଟର ଅଧୀନରେ ଉପରୋକ୍ତ କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି।

■ ବିଜୁ ଯୁବ ବାହିନୀ ପକ୍ଷରୁ ଟ୍ରାଫିକ ସଚେତନତା

# ହେଲମେଟ୍ ଥିଲେ ଫୁଲ, ଚକୋଲେଟ୍

ବୈପାରୀଗୁଡ଼ା,୨୨।୧୦(ଡି.ଏନ୍.ଏ.)

ବିଜୁ ଯୁବ ବାହିନୀ ପକ୍ଷରୁ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, କୋରାପୁଟ ବିଧାୟକ ରଘୁରାମ ପଡାଲ, ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢ଼ୀ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ବିଡିଓ ରଜନୀକାନ୍ତ ଦାସ ଯୋଗ ଦେଇଥିଲେ। ଯୁବଗୋଷ୍ଠୀଙ୍କୁ ନେଇ ଏକ ରାଲି କରାଯାଇ ଲୋକଙ୍କୁ ଟ୍ରାଫିକ୍ ନିୟମ ଅବଗତ କରାଯାଇଥିଲା। ହେଲମେଟ୍ ପିନ୍ଧିଥିବା ଆରୋହୀଙ୍କୁ ଫୁଲ ଚକଲେଟ୍ ଦିଆଯାଇଥିଲା। ବ୍ଲକ କୋର୍ଡିନେଟର ଅଶ୍ୱିନ ଟାକ୍ରି, ଜିଲା ସଂଯୋଜକ ସୁବାସିତ ପାତ୍ର ଏହାକୁ ପରିଚାଳନା କରିଥିଲେ।



ବିଜୁ ଯୁବବାହିନୀ ପକ୍ଷରୁ ଲୋକଙ୍କ ଟ୍ରାଫିକ୍ ସଚେତନ କରାଯାଉଛି ।

# ବାଲ୍ୟ ବିବାହ ରୋକିବାକୁ ଶପଥ ନେଲେ ପିଲା

କୋରାପୁଟ,୨୨।୧୦(ସ୍ୱ.ପ୍ର.)

ନିୟମିତ ସ୍କୁଲ ଯିବେ। ବାଲ୍ୟ ବିବାହ ରୋକିବେ। ମଙ୍ଗଳବାର କୋରାପୁଟର ଶିଶୁମାନେ ଏଥିପାଇଁ ଶପଥ ନେଇଛନ୍ତି। କୋରାପୁଟ ଜିଲା ପ୍ରଶାସନ, ବିଜୁ ଯୁବ ବାହିନୀ, ଆକ୍ସନଏଡ ଓ ୟୁନିସେଫର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ପୂଜାରିପୁଟ ଯାଏ ସଚେତନତା ରାଲି ଓ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଛି। ଏଥିରେ ଜିଲା ସମାଜ ମଙ୍ଗଳ ଅଧିକାରୀ ହରେକୃଷ୍ଣ ଦଳେଇ, ଜିଲା ଶିଶୁ ମଙ୍ଗଳ କମିଟି ଅଧକ୍ଷା ଗାୟତ୍ରୀ ଦେବୀ, ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମିଶ୍ର, ଆକ୍ସନଏଡ ଜିଲା




ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଶପଥ ନେଉଛନ୍ତି ।

ସଂଯୋଜକ ରାଜଲକ୍ଷ୍ମୀ ବେହେରା ଉପସ୍ଥିତ ଥିଲେ। କିଶୋରୀ କିଶୋରଙ୍କୁ ସଶକ୍ତ କରିବା, କମ୍ ବୟସରେ ବିବାହ ନ କରିବା, ବାଲ୍ୟ ବିବାହ ଯୋଗୁ ହେଉଥିବା ସ୍ୱାସ୍ଥ୍ୟ ସମସ୍ୟା, ଶିଶୁ ଶ୍ରମିକ ରୋକିବା ଭଳି ପ୍ରସଙ୍ଗ ଉପରେ ସଚେତନ ସୃଷ୍ଟି କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟର ୫ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

**ସଂକ୍ଷେପରେ**

## ୨ରେ ଲକ୍ଷ୍ମୀପୁର ବ୍ଲକସ୍ତରୀୟ ପରବ



ଲକ୍ଷ୍ମୀପୁର,୨୨।୧୦(ଡି.ଏନ୍.ଏ.): ବ୍ଲକ ସଭାଗୃହରେ ପରବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବିଡିଓ ବେଣୁଧର ଶବରଙ୍କ ଅଧକ୍ଷତାରେ ହୋଇଥିବା ଏହି ବୈଠକରେ ଲକ୍ଷ୍ମୀପୁର ଥାନାଧିକାରୀ ଗୌରହରି ସାହୁ, ଅତିରିକ୍ତ ତହସିଲଦାର ଦେବାଶିଷ କର, ଏବିଡିଓ ପ୍ରସନ୍ନ ଷଡ଼ଙ୍ଗୀ, ପଞ୍ଚାୟତ ସମିତି ଅଧକ୍ଷା ଶୁଆଇ କୁଲେସିକା, ଜିଲା ପରିଷଦ ସଭ୍ୟ ପ୍ରେମଚନ୍ଦ୍ର ଡଙ୍ଗରୀ, ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ। ଆଗାମୀ ୨ରେ ବ୍ଲକସ୍ତରୀୟ ପରବ କାର୍ଯ୍ୟକ୍ରମ ପାଇଁ ମତ ପ୍ରକାଶ ପାଇଥିଲା। ପଞ୍ଚାୟତସ୍ତରରୁ ଲୁକ୍କାୟିତ କଳାକୁ ବ୍ଲକ ଏବଂ ଜିଲାସ୍ତରକୁ ପହଞ୍ଚାଇବା ପାଇଁ ସରପଞ୍ଚ ଓ ପିଇଓମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା । ଚଳିତ ମାସ ୨୬ରେ ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା ବ୍ଲକ ପଡ଼ିଆରେ ଅନୁଷ୍ଠିତ ହେବ। ୨ରେ ପରବ ମଲାଲ ଯାତ୍ରା ମା' ମୁତ୍ୟାଲୁମା ମନ୍ଦିରରୁ ବାହାରି ସାଙ୍ଗନା ହାଇସ୍କୁଲ ପଡ଼ିଆରେ ପହଞ୍ଚି ସେଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ସେଥିରେ ଅତିଥି ଭାବେ ଏମ୍‌ପି ସପ୍ତଗିରି ଉଲ୍ଲାକା, କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ର, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ ଯୋଗଦେବେ। ବିଏସ୍‌ଏସ୍‌ଓ କାର୍ତ୍ତିକ ପାଢ଼ୀ ବୈଠକ ପରିଚାଳନା କରିଥିଲେ।

## ମଞ୍ଚଶିଳ୍ପୀ ଅଶୋକ କର ସମ୍ମାନିତ



ଦାମନଯୋଡ଼ି,୨୨।୧୦(ଡି.ଏନ୍.ଏ.): କୋରାପୁଟରେ ଗତ ୨୦ ଓ ୨୧ ତାରିଖ ଆୟୋଜିତ ହୋଇଥିଲା ୨ୟ କୋରାପୁଟ ସାହିତ୍ୟ ଉତ୍ସବ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଅବିଭକ୍ତ କୋରାପୁଟର ୧୦ରୁ ଅଧିକ ବିଶିଷ୍ଟ ବ୍ୟକ୍ତିଙ୍କୁ ୨୧ ତାରିଖ ସନ୍ଧ୍ୟାରେ ସମ୍ମାନିତ କରାଯାଇଛି। କୋରାପୁଟ ଜନଜାତି ସଂଗ୍ରହାଳୟରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଜାମ୍ମୁ କାଶ୍ମୀରର ପ୍ରସିଦ୍ଧ ଲେଖକ ଲଳିତ ମଙ୍ଗୋତ୍ରା, କୋରାପୁଟ ବିଧାୟକ ରଘୁରାମ ପଡାଲ ଓ କୋରାପୁଟ ସାହିତ୍ୟ ଉତ୍ସବର ଆୟୋଜକ ଶୁଭ୍ରାଂଶୁ ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ମଞ୍ଚନାଟ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅଶୋକ କରଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଛାତ୍ର ଜୀବନରୁ ନାଟକ ସହ ଜଡ଼ିତ ଥିବା କର ଦାମନଯୋଡ଼ି ନାଲକୋରେ କାର୍ଯ୍ୟ ସମ୍ପାଦନ, ନିରନ୍ତର ଓଡ଼ିଆ ନାଟକର ପ୍ରଚାର ପ୍ରସାର କରିବା ସହ ନାଟକରେ ମଞ୍ଚଶିଳ୍ପୀ ଓ ଆଲୋକ ସଂଚାଳକ ଭାବରେ ଓଡ଼ିଶା ତଥା ବାହାରେ କାମକରି ଆସୁଛନ୍ତି।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର




ଲମତାପୁଟ,୨୨।୧୦(ଡି.ଏନ୍.ଏ.): ଲମତାପୁଟ ସ୍ଥିତ ଡ. ବି.ଆର. ଆମ୍ବେଦକର ମହାବିଦ୍ୟାଳୟରେ ମଙ୍ଗଳବାର ଛାତ୍ରୀଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଅତିଥି ଭାବେ ସାମାଜିକ କର୍ମୀ ଲଳିତ ଜାର୍ଲି, ଶିକ୍ଷକ ପ୍ରଫୁଲ୍ଲ କୁମାର ପାଠୀ ଯୋଗଦେଇ ଛାତ୍ରୀଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ ଉପରେ ବୁଝାଇଥିଲେ । ଛାତ୍ରୀଙ୍କୁ ଏହି ତାଲିମ ନିହାତି ଆବଶ୍ୟକତା ରହିଛି । ଯେଉଁଭଳି ଭାବରେ ନାରୀ ନିର୍ଯାତନା ତଥାର ଛାତ୍ରୀ ବା ଯୁବତୀଙ୍କୁ ଅସଦାଚରଣ କରାଯାଉଛି, ସେଥିରୁ ମୁକ୍ତି ପାଇବା ପାଇଁ ଏହା ଏକ ସହଜ ଉପାୟ । ଏହା ଶିଖିବା ଛାତ୍ରୀଙ୍କ ପାଇଁ ନିହାତି ଜରୁରୀ ବୋଲି ଅତିଥିମାନେ କହିଥିଲେ । ଶିବିରରେ ମାଷ୍ଟର ଟ୍ରେନ୍‌ର ଜ୍ୟୋର୍ତିମୟୀ ଦଳେଇ ଓ ମମତା ସ୍ୱାଇଁ ଛାତ୍ରୀଙ୍କୁ ତାଲିମ୍ ଦେଇଥିଲେ। ଏହି ଦିବସରେ ମହାବିଦ୍ୟାଳୟର ଅଧକ୍ଷ ରାଜେନ୍ଦ୍ର ପଟ୍ଟନାୟକ,ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଦୁଷମନ୍ତ ଚୌଧୁରୀ, ସତ୍ୟନାରାୟଣ ମହାପାତ୍ର ସୁବାସ ଚନ୍ଦ୍ର ଆଲା ଉପସ୍ଥିତ ଥିଲେ ।

